**OFFICE OF THE COLLECTOR AND DISTRICTMAGISTRATE: BALASORE**
**(SOCIALWELFARE SECTION)**
**Tender Notice No. 2499/SW, Date:- 25.08.2018**

Sealed tender are invited from intending agencies/firms/printing press having valid GST registation/ Income Tax Clearance /TIN /PAN for supply of 4182 nos. of Calendar on New Arunima & 4467 nos of Booklet on Early Childhood care Education (ECCE) for AWCs & ICDS Projects of the district. The tender documents should reach the Office of the District Social Welfare officer, Balasore by Registered Post or Speed Post or Courier on or before 11.09.2018 by 2 PM and tender will be opened on the same day at 4 P.M. in the Office Chamber of Collector & District Magistrate, Balasore in presence of the members of the Purchase Committee and the tenderer or their authorized representatives. The tender papers received beyond the time limit shall not be entertained.

The details of the Calendar on New Arunima & Booklet on ECCE are mentioned in the terms and conditions. The Calendar & Booklet should be of exact specification as per the samples submitted in the tender Notice. The selected agency has to supply the printed materials to all the 15 ICDS Project of this District on its own cost. The details regarding tender papers, terms and conditions, earnest money deposit etc. can be obtained by downloading from the website www.baleswar.nic.in. The Tender has been invited under Two bid systems i.e Technical Bid & Financial Bid. The intending Tenderer must submit Two separate envelopes Super Scribe" Technical Bid for supply of Calendar on New Arunima & Booklet on ECCE .The both sealed envelopes should be kept in a third envelop super scribing "Sealed Tender for supply of Calendar on New Arunima & Booklet on ECCE. The cost of tender paper is Rs.5,000/- (Rupees five thousand) only and the tender paper must be enclosed with Bank Draft drawn in favour of DSWO, Balasore. The cost of tender paper is non-refundable.

The undersigned reserves the right to accept/reject any or all tender papers without assigning any reason thereof.

Collector, Balasore.
25.8.18

## TERMS AND CONDITIONS FOR SUPPLY OF CALANDER ON NEW ARUNIMA & BOOKLET ON ECCE

The sample of the Calendar on New Arunima & Booklet on ECCE can be inspected/obtained in the office of DSWO, Balasore during the office hour.

a. The tender paper should be accompanied with the following documents failing which the same will be rejected.
b. Original tender paper duly signed by the tenderer on each page as token of acceptance of terms and conditions of the Tender.
c. Attested copy of valid printing press license from competent authority.
d. Attested copy of Pan card/TIN either in the name of the printing press or in the name of its proprietors.
e. Attested copy of the recent VAT clearance certificate.
f. The EMD is fixed to Rs. 33,800/-(Rupees thirty three thousand eight hundred) only for Calendar on New Arunima & Booklet on ECCE to be deposited by the tenderer. The EMD must be pledged in favour of DSWO, Balasore in shape of NSC/TD/FD etc. from any post office or Nationalised Bank. The EMD of successful Tenderer will be converted to security deposit. The same will be refunded to the Bidder after audit of accounts. The EMD will be refunded to unsuccessful Tenderers after completion of Tender Process.
g. Attested copy of DIC Registration certificates, Sales Tax Regd. No.
h. The tender paper completed in all respect without any cutting/over writing with legible letters with all necessary documents will be received only through Regd. Post/Speed post/Courier addressed to the District Social Welfare Officer, Balasore on or before 11.09.18 by 2 ~~AM~~/ PM. The tender received beyond the date & time shall not be taken into consideration. Hand delivery will not be accepted.

2. The sealed envelope containing the Tender papers must be super scribed "Tender Paper for Printing of Calendar on New Arunima & Booklet on ECCE ".

3. The price quoted must be inclusive of all taxes, duties and Transportation Charges for delivery at ICDS Projects of this district. The rate/price should be written both in word and figures item wise in the tender paper.

4. The Tenderer have to produce the sample of papers in five copies of each item with the tender pape.

5. The undersigned reserves the right to cancel or modify the tender call notice without assigning any reason thereof. The lowest rate quoted may not be binding for acceptance if not confirms to acceptable quality. The decision of the tender committee will be final. The undersigned also reserves the right to increase or decrease the quantities of any book without assigning any reason thereof.

6. The successful tenderer has to deliver the Printed Calendar on New Arunima & Booklet on ECCE to all the ICDS project points only within 1 month from the date of receipt of indent order from DSWO, Balasore. Failure to supply the material in time may lead to forfeiture of Security Deposit/imposition of penalty.
7. No part payment will be done. Payment will be made after successful delivery of the entire indented Calendar on New Arunima & Booklet on ECCE of approved quality duly checked by DSWO, Balasore subject to availability cf funds and no interest can be claimed in case of delay in payment.
8. The successful tenderer has to furnish an undertaking to the effect that he will abide by all the terms and conditions of the tender.
9. The Tender paper must be accompanied with an affidavit either from Executive Magistrate or Notary in support that he/she has no criminal cases nor blacklisted one.

10. Detailed of the Calendar on New Arunima & Booklet on ECCE are as follows:

| Sl. No. | Item | Details of specification of the Calendar on New Arunima & Booklet on ECCE | Quantities required. |
|---|---|---|---|
| 1 | Calendar (Including Design & Taxes) | • No of Pages: 7<br>• Size: 19" X 28"<br>• Both sided<br>• Paper quality: Cover: 300 gsm matt<br>• Finishing: Wiro Binding<br>• Colour: 4 Colour | 4182 |
| 2 | New Arunima Booklet on ECCE (Including Design & Taxes) | • No of Pages: 7<br>• Size : Crown<br>• Paper Quality:<br>a. Cover: 300 gsm matt<br>b. inner: 170 gsm matt<br>• Finishing: Perfect Binding<br>• Colour: 4 Colour | 4467 |

COLLECTOR, BALASORE
U.D. 1.5/8/18

## Opening of Bids by Tender Committee

(a) The Bids shall be opened at the stipulated date & time fixed in the office chamber of Collector & District Magistrate, Balasore in the presence of representatives of the tenderers who may choose to attend the proceeding. The representatives of tenderers will sign in a register/paper in evidence of their presence.

(b) First, the envelopes containing Technical Bids of the tenderers will be opened and the contents will be read out in the presence of all tenderers or their representatives. Tender Committee's determination of technical qualification shall be based on objective evaluation of the contents of the technical bid.The decision of the Tender Committee in this regard shall be final and binding on the tenderers.

(c) Opening of Financial Bids:-The price Bids of only those tenderers will be opened whose technical bids are found to be responsive fulfilling all the technical requirements as per the tender document and also found satisfactory by the committee. The decision of the tender committee in this regards shall be final.

**COLLECTOR,BALASORE**
23/8/18

TENDER PAPER FOR SUPPLY OF THE CALANDER ON NEW ARUNIMA & BOOKLET ON ECCE

## FINANCIAL BID

I/We have gone carefully through the details of the tender advertisement specification/samples there and are hereby quoting the rate of the following articles of New Arunima Work Book-I & II in Balasore District (including VAT other taxes and transportation charges up to the ICDS Project headquarter) per New Arunima Work Book-I & II separately and undertake to abide all the terms and conditions laid in the tender advertisement.

| Sl. No. | Item | Details of specification of the Calendar on New Arunima & Booklet on ECCE | Rate quoted Per Calendar & Booklet including spot delivery in 15 projects |
|---|---|---|---|
| 1 | Calendar (Including Design & Taxes) | • No of Pages: 7<br>• Size: 19" X 28"<br>• Both sided<br>• Paper quality: Cover: 300 gsm matt<br>• Finishing: Wiro Binding<br>• Colour: 4 Colour | |
| 2 | New Arunima Booklet on ECCE (Including Design & Taxes) | • No of Pages: 7<br>• Size : Crown<br>• Paper Quality:<br>c. Cover: 300 gsm matt<br>d. inner: 170 gsm matt<br>• Finishing: Perfect Binding<br>• Colour: 4 Colour | |

**Seal and Signature of the Tenderer.**

Name of the Agency
Address.........................................
.......................................................
.......................................................
Phone/ Mobile No.
Date:-

THE TENDERER HAS TO FURNISH THE FOLLOWING DOCUMENTS IN THE TECHNICAL BID.

**TENDER SCHEDULE FOR SUPPLY OF CALANDER ON NEW ARUNIMA & BOOKLET ON ECCE**

## TECHNICAL BID

| | | |
|---|---|---|
| 1 | Name of the Tenderer (In Capital Letters). Detail Address for Communication with Fax/ Phone No. | |
| 2 | Cost of Tender paper 5000/-(Rupees five thousand) only in shape of B.D. drawn in favour of DSWO,Balasore payble at Balasore in any Nationalized Bank non-refundable. | |
| 3 | Valid Regd. Certificate copy from competent Authority. | |
| 4 | Whether submitted Income Tax clearance certificate & VAT clearance certificate valid up to 2015-16.(attested copies to be enclosed) | |
| 5 | The EMD is fixed to Rs, 33,800/- (Rupees thirty three thousand eight hundred) only for Calendar on New Arunima & Booklet on ECCE are to be deposited by the Tenderer. The EMD must be pledged in favour of DSWO, Balasore in shape of NSC/TD/FD etc. from any Post office or Nationalized Bank. The same will be refunded after audit of accounts. | |
| 6 | Attested copy of PAN Card | |
| 7 | Affidavit either from the Executive Magistrate or from the Notary in support of that; he/ she has no criminal cases nor a black listed one. | |
| 8 | Detailed tender papers duly signed by the tenderer. | |
| 9 | Attested Xerox copy of Income Tax return certificate for last 3 (three) years. | |
| 10 | Sample Paper in five copies on each item with the Tender Paper. | |

Place:
Date:

Signature of the tendered with seal
(Full Name & Address)

ମାସ-୧

# ନୂଆ ଅରୁଣିମା

## ମୁଁ ଓ ମୋ ପରିବାର



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

ସ୍ୱାଗତ | ପ୍ରାତଃ ସଂଗୀତ | କେନ୍ଦ୍ର ସହିତ ପରିଚିତି | ମୁକ୍ତ ବାର୍ତ୍ତାଲାପ

### ଗଳ୍ପ କଥନ

- ମୀନାର ମିଠାଇ ଖିଆ
- ଲୋଭୀ କୁକୁର

### ଖେଳ

- ପାଣି ଖେଳ
- ଦର୍ପଣ ଖେଳ
- ବାଲି ଖେଳ
- ସିଧା ବଙ୍କା ଗାରରେ ଚାଲିବା
- ରେଳଗାଡି ମୋର ନାମ
- ପ୍ରକୃତି ପର୍ଯ୍ୟବେକ୍ଷଣ
- ବଲ୍ ଫୋପାଡିବା ଏବଂ ଧରିବା
- ପଣ୍ଡିତ କହିଲେ
- ସ୍ମୃତିଖେଳ
- ମାଟିଖେଳ

### ଅଭିନୟ ସଂଗୀତ

- ଆସ ଆମେ ଚାଲିବା
- ଆସ ଆମେ ଖେଳିବା
- ଆମ କୁନା ଯିବ ମାମୁଁ ଘର

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୧-୪ (ସ୍ୱଚ୍ଛ ଭାବରେ ଗାରେଇବା, ରଂଗ ଧାରଣା)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୧-୪ (ରଂଗ ଦିଅ, ତଳେ ଚିତ୍ରରେ ଯିଏ ନାହାନ୍ତି ତାଙ୍କୁ ଗାର ଦେଇ ଚିହ୍ନାଅ)

**ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର**

ମାସ-୨

# ନୂଆ ଅରୁଣିମା

## ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- ମାଙ୍କଡ ଓ ଟୋପି ବାଲା
- କିଏ ବଡ

### ଖେଳ

- ଦୌଡିବା
- ବଲ ଫୋପାଡିବା
- ସାପ ଓ ଶିଡି ଖେଳ
- ମୁକ୍ତ ଖେଳ
- ବାଘ ମାମୁଁ ବାଘ ମାମୁଁ ସମୟ କ'ଣ ପାଇଁ ?

### ଅଭିନୟ ସଂଗୀତ

- ଏଇତ ମୋର ମଥା
- ସକାଳୁ ଉଠି ମୁଁ ଘସିବି ଦାନ୍ତ

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୫-୮ (ମେଳକର, ଅଂଗ ମେଳକର)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୫-୮ (ଗାରଟାଣି ଦେଖାଅ, ମୁହଁରେ ଯାହା ନାହିଁ ଆଙ୍କି ଦିଅ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

**ମାସ-୩**

# ନୂଆ ଅରୁଣିମା

## ପଶୁ ଓ ପକ୍ଷୀ ସଂପର୍କରେ ଧାରଣା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

ବିକାଶ କ୍ଷେତ୍ରରେ ସୂଚକ ପ୍ରଦର୍ଶନ

**ମୁକ୍ତ ବାର୍ତ୍ତାଳାପ** | **ପ୍ରକୃତି ପର୍ଯ୍ୟବେକ୍ଷଣ**

**ଗଳ୍ପ କଥନ**

- ଦଳର ବଳ
- ବିଲେଇ ପିଠା ଖିଆ
- ବଉଳା ଗାଈ

**ଖେଳ**

- କୁମ୍ଭୀର ତୋ ପାଣିକୁ ଆସିଛି
- କିଏ କେଉଁଠି ରହେ ?
- ବିଲୁଆ ନନା ବିଲୁଆ ନନା
- ମୁକ୍ତ ଖେଳ

**ଅଭିନୟ ସଂଗୀତ**

- କିଏ କେଉଁଠି ରହେ ?
- ଝୁମୁର ଝାଇଁ

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୯-୧୨ (ପଶୁ ପକ୍ଷୀ ଶବ୍ଦ, ବାସଗୃହ, ଛାପାକାମ, ପଜଲ, ବଡ-ଛୋଟ ଧାରଣା, ସ୍ପର୍ଶ କାର୍ଡ)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୯-୧ ୩ (ପଶୁପକ୍ଷୀ ଶବ୍ଦ, ବାସଗୃହ, କଣ ଖାଆନ୍ତି, କାହାର ଛୁଆ କିଏ, ଶ୍ରେଣୀ ବିଭାଗୀକରଣ, କେଉଁଠି ନାହିଁ,ବହୁତ କମ୍, ବିନ୍ଦୁ ଯୋଡ଼ିବା )

**ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର**

ମାସ-୪

# ନୂଆ ଅରୁଣିମା

## ବିଭିନ୍ନ ପ୍ରକାର ଫଳ, ଫୁଲ ଓ ପନିପରିବା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- କଇଁଚ ଓ ଠେକୁଆ
- ପିମ୍ପୁଡି ଉପକାର ଶୁଝିଲା

### ଖେଳ

- ଚଢିବା ଓ ଖସିବା
- ଲେସିଙ୍ଗ୍ ସେପ୍
- ଲାଲାଜୀ କି ଲଡୁ
- କାଳ୍ପନିକ ଖେଳ
- ବାଲି ଖେଳ
- ଫୁଲ ଫୁଲ କି ଫୁଲ ?

### ଅଭିନୟ ସଂଗୀତ

- ଗଛ କହିଲା
- ବରଷା କହେ
- ଚିନି ମିଠା ଗୁଡ଼ ମିଠା

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୧୩-୧୬ (ଛାପାକାମ, ଶ୍ରେଣୀ ବିଭାଗୀକରଣ, ପଜଲ, ଡେଙ୍ଗା-ଗେଡା ଧାରଣା, ପାଖ-ଦୂର ଧାରଣା)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୧୪-୨୦ (କୋଲାଜ, ଲେସିଙ୍ଗ୍ ସେପ୍, ଅଧିକ କମ ଧାରଣା, ସଂଖ୍ୟା ଗଣନା, ବୈଜ୍ଞାନିକ ଧାରଣା, ବାସ୍ନା ଓ ସ୍ୱାଦ ଧାରଣା, ଧାରାବାହିକ ଚିନ୍ତନ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

মাস-৪

# নূআ অরুণিমা

## বিভিন্ন প্রকার ঘর ও আসবাবাপত্র



## মাসিক প্রসঙ্গ ভিত্তিক আলোচ্য বিষয় সমূহ

মুক্ত বার্তালাপ

প্রকৃতি পর্য্যবেক্ষণ

গল্প কথন

- বগ ও বিলুআ
- বেঙ্গ ও বিলুআ

খেল

- তুম ঘরকু খোজ
- বালি খেল
- মাটি কাম
- পারাভাডি
- ভিতর বাহার খেল
- সংখ্যা খেল
- মুক্ত খেল

অভিনয় সংগীত

- দেখরে দেখরে দেখ
- কুআ রাবিলে কা
- আম পতাকা

অভ্যাস পুস্তিকা ভাগ ১ : পৃষ্ঠা ১৭-২০ (ঘরর বিভিন্ন অংশ, বডরু সান ক্রমরে সজাইবা, পজল, রংগ দেবা, সংখ্যা গণনা)

অভ্যাস পুস্তিকা ভাগ ২ : পৃষ্ঠা ২১-২৪ (যোডি বাছিবা, কোলাজ্, ম্যাটিং কার্ড, রংগোলি, স্মৃতি ও পর্য্যবেক্ষণ)

মহিলা ও শিশু বিকাশ এবং মিশন শক্তি বিভাগ, ওড়িশা সরকার

ମାସ-୬

# ନୂଆ ଅରୁଣିମା

ଯାନବାହାନ ସଂପର୍କରେ ଧାରଣା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

ବିକାଶ କ୍ଷେତ୍ରରେ ସୂଚକ ପ୍ରଦର୍ଶନ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- କୁନି ଓ ମୁନାର ଯାତ୍ରା ଦେଖା
- ଲାଲୁ ପାଇଲା ପୁରସ୍କାର

### ଖେଳ

- ସିଗନାଲ୍ ଖେଳ
- ଦିଦି ଗୋ ଦିଦି କୁଆଡେ ଯାଉଛ ?
- ମୁକ୍ତ ଖେଳ
- କେଉଁଟି ନାହିଁ

### ଅଭିନୟ ସଂଗୀତ

- ଚକଲ ଘାଇଁ
- ଅକ୍ଷର ଗୀତ
- ମୁଁ ହେଉଛି ଗାଡ଼ି
- କେଁ କଟର ଶଗଡ଼ ଗାଡି

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୨୧-୨୭ (ପଜଲ, କଟା ଚିତ୍ର ଯୋଡିବା, ପ୍ରକୃତି ପର୍ଯ୍ୟବେକ୍ଷଣ, ରଙ୍ଗ ଦେବା, ଅଲଗା ବାଛ)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୨୫-୨୮ (କୋଲାଜ୍, ବଡ ସାନ ଧାରଣା, ଟ୍ରାଫିକର ନିୟମ, କାଗଜ ଭାଙ୍ଗିବା, ଶ୍ରେଣୀ ବିଭାଗୀକରଣ, ପ୍ରକୃତି ପର୍ଯ୍ୟବେକ୍ଷଣ, ସରଳ ସମସ୍ୟାର ସମାଧାନ,ଡୋମିନୋ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

ମାସ-୭

# ନୂଆ ଅରୁଣିମା

ଗୋଷ୍ଠୀର ବିଭିନ୍ନ ସାହାଯ୍ୟକାରୀ



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

**ମୁକ୍ତ ବାର୍ତ୍ତାଳାପ**

**ପ୍ରକୃତି ପର୍ଯ୍ୟବେକ୍ଷଣ**

**ଗଳ୍ପ କଥନ**

- କଲୁରୀ ବେଣ୍ଟ କଥା

**ଖେଳ**

- ସୂଚନା ଅନୁସରଣ
- ଚକୋଲେଟ୍ ଖିଆ ଖେଳ
- ମୁକ୍ତ ଖେଳ

**ଅଭିନୟ ସଂଗୀତ**

- କୁମ୍ଭାର ଭାଇ ବୁଲାଇ ଚକି
- ଚାଲ ଦେଶ ପାଇଁରେ

ଅଭ୍ୟାସ ପୁସ୍ତିକା ଭାଗ ୧: ପୃଷ୍ଠା ୨୭-୩୧ (କାଳ୍ପନିକ ଖେଳ, ବାମ ଡାହାଣ ଧାରଣା, ସଂଖ୍ୟା ଧାରଣା, ସ୍ପର୍ଶ ଧାରଣା, ପ୍ରାକ୍ ଲିଖନ)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୨୯-୩୫ (ଶ୍ରେଣୀ ବିଭାଗୀକରଣ, ସଂଖ୍ୟା ଧାରଣା, ଅବସ୍ଥାନ ଧାରଣା, ସ୍ମୃତି ଓ ପର୍ଯ୍ୟବେକ୍ଷଣ, ସ୍ପର୍ଶ ଧାରଣା, ଅଭିନୟ ବାକ୍ୟକୁ ସଂପୂର୍ଣ୍ଣ କରିବା, ମାଟି କାମ, ପ୍ରାକ୍ ଲିଖନ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

ମାସ-୮

# ନୂଆ ଅରୁଣିମା

## ବିଭିନ୍ନ ଅନୁଷ୍ଠାନ ଓ କର୍ମଚାରୀଙ୍କ ସଂପର୍କରେ ଧାରଣା




## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- କୋଳି ବାଲି ବୁଦ୍ଧି ଶିଖିଲା
- ମିତାର ଫ୍ରକ୍ କିଣା

### ଖେଳ

- କାଳ୍ପନିକ ଖେଳ
- ପାଣି ଖେଳ
- ଦୁଇଟି ଦଳ କରି ଖେଳାଇବା
- ଆଖି ବନ୍ଦ କର
- ଡେଙ୍ଗା ଗେଡା ଧାରଣା
- ଅନୁମାନ କରି ସଂଖ୍ୟା କହିବା
- ନ ଦେଖି ଗଣିବା
- ଇଟା ଖଣ୍ଡରେ ଚାଲିବା
- ଡାକ୍ତର ରୋଗୀ ଅଭିନୟ

### ଅଭିନୟ ସଂଗୀତ

- ମୁଁ ବଡ ହେଲେ ଡାକ୍ତର ହେବି
- ଆସିଲାରେ ଦେଖ ପରିବା ବାଲା
- ତୋଟାରେ ବସିଛି ହାଟ

**ଅଭ୍ୟାସ ପୁସ୍ତିକା ଭାଗ ୧ :** ପୃଷ୍ଠା ୩୨-୩୫ (ପଜଲ, ପ୍ରତ୍ୟାଶାମୂଳକ ପ୍ରଶ୍ନ, ମେଳ କରିବା, ଓଜନିଆ-ହାଲୁକା ଧାରଣା, ଗରମ ଥଣ୍ଡା, ନରମ ଟାଣ ଧାରଣା, ପ୍ରକୃତି ପର୍ଯ୍ୟବେକ୍ଷଣ)

**ଅଭ୍ୟାସ ପୁସ୍ତିକା ଭାଗ ୨ :** ପୃଷ୍ଠା ୩୬-୩୯ (କେଉଁଟି ଅଲଗା ବାଛ, ଡୋମିନୋ, ପ୍ରକୃତି ପର୍ଯ୍ୟବେକ୍ଷଣ, ଗରମ-ଥଣ୍ଡା, ନରମ-ଟାଣ ଧାରଣା, ଡେଙ୍ଗା -ଗେଡା ଧାରଣା)

**ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର**

মাস-৯ 

# ନୂଆ ଅରୁଣିମା

## ବିଭିନ୍ନ ପ୍ରକାର କୀଟପତଙ୍ଗ ଓ ସରୀସୃପ



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

ବିକାଶ କ୍ଷେତ୍ରରେ ସୂଚକ ପ୍ରଦର୍ଶନ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- ଅଳସୁଆ ଦୁଃଖ ପାଏ
- ମାଙ୍କଡର ପାଣିପିଆ

### ଖେଳ

- ବାଲି ଖେଳ
- ବଗିଚା ଖେଳ
- ମୁକ୍ତ ଖେଳ

### ଅଭିନୟ ସଂଗୀତ

- ଆମେ ସବୁ ମଶା
- ମୁଁ ଟିକି ପରଜାପତି
- ଆମେ ସବୁ ମାଛି
- ମ୍ୟାଲେରିଆ ପୁଣି ବାତଜ୍ୱର
- ଜୁଲୁଜୁଲିଆରେ
- ସାଧବ ବୋହୁ

**ଅଭ୍ୟାସ ପୁସ୍ତିକା ଭାଗ ୧ :** ପୃଷ୍ଠା ୪୬-୪୮ (ବିନ୍ଦୁକୁ ବିନ୍ଦୁ ଯୋଡିବା, ତଳ ଉପର ଧାରଣା, ଶ୍ରେଣୀ ବିଭାଗୀକରଣ, ସଂଖ୍ୟା ଧାରଣା, କୋଲାଜ, ପ୍ରତ୍ୟାଶାମୂଳକ ପ୍ରଶ୍ନ, ଚିତ୍ର ଆଙ୍କିବା, ସାନରୁ ବଡ କ୍ରମରେ ସଜାଇବା)

**ଅଭ୍ୟାସ ପୁସ୍ତିକା ଭାଗ ୨ :** ପୃଷ୍ଠା ୫୦-୫୪ (ଚିତ୍ର ଆଙ୍କିବା ଓ ରଙ୍ଗ ଦେବା, ଯୋଡି ବାଛିବା, ସଂଖ୍ୟା ଧାରଣା, ବଡ ଛୋଟ ଧାରଣା, ଧାରାବାହିକ ଚିନ୍ତନ, କୋଲାଜ, ପ୍ରତ୍ୟାଶା ମୂଳକ ପ୍ରଶ୍ନ, ଶ୍ରେଣୀ ବିଭାଗୀକରଣ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

ମାସ-୧୦

# ନୂଆ ଅରୁଣିମା

## ପାଣି, ପବନ, ମାଟି ସଂପର୍କରେ ଧାରଣା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- ଦୁଇ ଯୋଡି ଛେଳି

### ଖେଳ

- ଅଭିନୟ ଖେଳ
- କୁମ୍ଭୀର ତୋ ପାଣିକୁ ଆସିଛି
- ନଦୀକୂଳ ଖେଳ
- ପାଣି ଖେଳ
- ମୁକ୍ତ ଖେଳ

### ଅଭିନୟ ସଂଗୀତ

- କହିଲା ଦିନେ ବେଙ୍ଗୁଲି ନାନୀ
- ସାଗର ସାଗର ନୀଳ ସାଗର

**ଅଭ୍ୟାସ ପୁସ୍ତିକା ଭାଗ ୧ :** ପୃଷ୍ଠା ୪୩-୪୫ (ବେଲୁନ ଫୁଙ୍କିବା ଫୁଟାଇବା, ବୈଜ୍ଞାନିକ ଧାରଣା, ସାଧାରଣ ଜ୍ଞାନ (ବାପା, ମା, ଗାଁ, ରାଜ୍ୟର ନାମ), ପ୍ରତ୍ୟାଶାମୂଳକ ପ୍ରଶ୍ନ, ପ୍ରକୃତି ପର୍ଯ୍ୟବେକ୍ଷଣ)

**ଅଭ୍ୟାସ ପୁସ୍ତିକା ଭାଗ ୨ :** ପୃଷ୍ଠା ୪୫-୪୯ (ବେଲୁନ ଫୁଙ୍କିବା ଫୁଟାଇବା, ବୈଜ୍ଞାନିକ ଧାରଣା(ଭାସିବା-ବୁଡିବା, ଅକ୍ଷର ସଂକେତ ଚିହ୍ନଟ କରିବା, ଡୋମିନୋ-ସଂଖ୍ୟା ଧାରଣା, ସାଧାରଣ ଜ୍ଞାନ (ପଞ୍ଚାୟତ,ଜିଲ୍ଲା, ରାଜ୍ୟ, ଦେଶର ନାମ), ପ୍ରତ୍ୟାଶାମୂଳକ ପ୍ରଶ୍ନ)

ମାସ-୧୧

# ନୂଆ ଅରୁଣିମା

## ଖରା, ବର୍ଷା ଓ ଶୀତ ଋତୁ ସଂପର୍କରେ ଧାରଣା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- ତୁଳସୀ ଦୁଇ ପତ୍ରରୁ ବାସେ
- ଗପୁଡି କଇଁଛ

### ଖେଳ

- ରିଂ ରିଂ ଗେଟାଗେଟିସ୍
- ଜିନିଷଟି କାହା ପାଖରେ ଅଛି ?
- ମୁକ୍ତ ଖେଳ

### ଅଭିନୟ ସଂଗୀତ

- ପବନ ବହେ ଥିରି ଥିରି
- ରବିବାର ମାଙ୍କଡ ଏକ
- ବଇଶାଖ ଟାଣ ଖରା
- ଏକ ଗଲା ଶିକାର କରି
- ଖରାଦିନେ ସପୁରି ପାଚେ
- ଝୁମୁକୁ ଝୁମା ଝୁମୁକୁ ଝୁମା

**ଅଭ୍ୟାସ ପୁସ୍ତିକା ଭାଗ ୧ :** ପୃଷ୍ଠା ୪୬-୪୮ (ଛପା କାମ, ପ୍ରକୃତି ପର୍ଯ୍ୟବେକ୍ଷଣ,ପପେଟ୍, ସମୟ ଧାରଣା, ଆଜି-ଗତକାଲି-ଆସନ୍ତାକାଲି,ଯୋଡି ବାଛିବା, ସାଧାରଣ ଜ୍ଞାନ, କାଳ୍ପନିକ ଖେଳ-ବାର ଧାରଣା, ଅକ୍ଷର ସଂକେତ)

**ଅଭ୍ୟାସ ପୁସ୍ତିକା ଭାଗ ୨:** ପୃଷ୍ଠା ୫୦-୫୪ (ଯୋଡି ବାଛିବା, ପ୍ରତ୍ୟାଶାମୂଳକ ପ୍ରଶ୍ନ, ପ୍ରକୃତି ପର୍ଯ୍ୟବେକ୍ଷକ, ଅଭିନୟ, ଆଗ-ପଛ-ମଝି ଧାରଣା, କାଗଜ ଭଙ୍ଗିବା, ବୈଜ୍ଞାନିକ ଧାରଣା, ସାଧାରଣ ଜ୍ଞାନ)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

ମାସ-୧୨

# ନୂଆ ଅରୁଣିମା

## ସୂର୍ଯ୍ୟ, ଚନ୍ଦ୍ର ଓ ତାରା ଇତ୍ୟାଦିଙ୍କ ସଂପର୍କରେ ଧାରଣା



## ମାସିକ ପ୍ରସଙ୍ଗ ଭିତ୍ତିକ ଆଲୋଚ୍ୟ ବିଷୟ ସମୂହ

ବିକାଶ କ୍ଷେତ୍ରରେ ସୂଚକ ପ୍ରଦର୍ଶନ

### ମୁକ୍ତ ବାର୍ତ୍ତାଳାପ

### ପ୍ରକୃତି ପର୍ଯ୍ୟବେକ୍ଷଣ

### ଗଳ୍ପ କଥନ

- ପଥୁରିଆ ବୁଦ୍ଧି ଶିଖିଲା

### ଖେଳ

- ଛାଇ ଖେଳ
- ରଙ୍ଗ ଖେଳ
- ମୁକ୍ତ ଖେଳ

### ଅଭିନୟ ସଂଗୀତ

- ନୀଳ ଆକାଶରେ
- ବାଘ ନିଶ ହଲାନା
- ଯେଉଁ ଦିଗ ଆଡୁ ଉଅଁଇ ସୁରୁଜ
- ସକାଳ ବୁଲା
- ଓଡ଼ିଶା ରାଇଜେ ଆମରି ଘର

ଅଭ୍ୟାସ ପୁସ୍ତିକା ଭାଗ ୧ : ପୃଷ୍ଠା ୪୯-୫୫ (ସମୟ ଧାରଣା, ଅକ୍ଷର ଧାରଣା, ଚିତ୍ର ଅଙ୍କନ, ମୁଦ୍ରା ଧାରଣା, ପାଖ-ଦୂର, ସଂଖ୍ୟା ଧାରଣା, ପ୍ରକୃତି ପର୍ଯ୍ୟବେକ୍ଷଣ)

ଅଭ୍ୟାସ ପୁସ୍ତିକା ଭାଗ ୨ : ପୃଷ୍ଠା ୫୫-୫୮ (ଅକ୍ଷର ଧାରଣା, ଚିତ୍ର ଅଙ୍କନ, ମୁଦ୍ରା ଧାରଣା, ପାଖ-ଦୂର, ସଂଖ୍ୟା ଧାରଣା)

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ



ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୧. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ | ୧ |
| ୨. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଉଦ୍ଦେଶ୍ୟ | ୨ |
| ୩. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ କେଉଁମାନେ ସଂପୃକ୍ତି ହେବେ | ୩ |
| ୪. | ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ମାତାପିତା, ଅଭିଭାବକ ଗୋଷ୍ଠୀ ସହିତ ହେବାକୁ ଥିବା ଆଲୋଚ୍ୟ ବିଷୟବସ୍ତୁ | ୪ |
| ୫. | ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଭୂମିକା | ୫ |
| ୬. | ଶିଶୁ ବିକାଶ ଯୋଜନା ଅଧିକାରୀ (ସି.ଡି.ପି.ଓ.) ଏବଂ ପରିଦର୍ଶିକା (ସୁପରଭାଇଜର)ଙ୍କ ନିର୍ଦ୍ଧାରିତ ଇ.ସି.ସି.ଇ. ଦିନରେ ଭୂମିକା | ୬ |
| ୭. | ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କର ଭୂମିକା | ୬ |
| ୮. | ସ୍ଥିରୀକୃତ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ପ୍ରତ୍ୟାଶିତ ଫଳାଫଳ | ୭ |
| ୯. | ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର ପରିଦର୍ଶନ ଏବଂ ତଦାରଖ କରିବା ନିମନ୍ତେ ବ୍ୟବସ୍ଥା | ୭ |

# ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ
## (Early Childhood Care and Education Day)

### ଉପକ୍ରମ

ଶିଶୁର ସାମଗ୍ରିକ ବିକାଶ ପାଇଁ ଆଦ୍ୟ ଶୈଶବର ଯତ୍ନ ଓ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଟିର ବିକାଶ ନିମନ୍ତେ ମାତାପିତା, ପରିବାର, ଗୋଷ୍ଠୀ ଓ ଅଙ୍ଗନୱାଡି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାରେ ମାତାପିତା, ଅଭିଭାବକ ଓ ଗୋଷ୍ଠୀର ପ୍ରମୁଖ ଭୂମିକା ରହିଅଛି । ସେଥିପାଇଁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ନିମନ୍ତେ କର୍ମଶାଳା ବା ଅଧିବେଶନ ଆୟୋଜନ କରିବା ଆବଶ୍ୟକ । ତେଣୁ ଏହାକୁ ଦୃଷ୍ଟିରେ ରଖି ଅଙ୍ଗନୱାଡି କେନ୍ଦ୍ର ସହିତ ପରିବାର ଓ ଗୋଷ୍ଠୀ ମଧ୍ୟରେ ସୁସଂପର୍କ ତଥା ଫଳପ୍ରଦ ପରିଚାଳନା ପାଇଁ ପ୍ରତିମାସରେ ନିର୍ଦ୍ଧାରିତ '୧୯ ତାରିଖ' ରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳନ କରିବାକୁ ନିଷ୍ପତି ହୋଇଅଛି । ଏହି ଦିବସରେ ଅଙ୍ଗନୱାଡି କେନ୍ଦ୍ରରେ ସମସ୍ତ ଶିଶୁଙ୍କ (୦-୬ ବର୍ଷ)ର ମାତାପିତା ଅଂଶଗ୍ରହଣ କରିବେ । ଏହି ଦିବସ ପାଳନ ମାଧ୍ୟମରେ ପିଲାମାନଙ୍କର ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଅଙ୍ଗନୱାଡି କାର୍ଯ୍ୟକ୍ରମ ସହିତ ସାମିଲ କରାଇବା ଓ ସେମାନଙ୍କ ସହିତ ଦୃଢ ସଂପର୍କ ପ୍ରତିଷ୍ଠା କରିବାର ଫଳପ୍ରଦ ଯୋଜନା ହୋଇଅଛି ।





## ସ୍ଥିରିକୃତ ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଉଦ୍ଦେଶ୍ୟ

- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଅଙ୍ଗନୱାଡ଼ି କର୍ମୀ, ମାତାପିତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଏକ ଭାବ ଆଦାନ ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରିବ।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ମାତାପିତା, ଅଭିଭାବକ ଏବଂ ଗୋଷ୍ଠୀ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଏବଂ ଶୈଶବକାଳୀନ ଯତ୍ନ ଓ ଶିକ୍ଷା ପାଇଁ ଭାଗୀଦାରିତା ବଢାଇବାରେ ସହାୟକ ହେବ।
- ଏହି ଦିବସରେ ଅଙ୍ଗନୱାଡ଼ି କର୍ମୀ ଶିଶୁଙ୍କ ବୟସ ଅନୁଯାୟୀ ଶିଶୁର ବିକାଶ ଓ ଅଭିବୃଦ୍ଧି ବିଷୟରେ ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଅବଗତ କରାଇବା ସହିତ ଅଭିବୃଦ୍ଧି ଓ ବିକାଶର ମାଇଲ ଖୁଣ୍ଟ ବିଷୟରେ ଆଲୋଚନା କରିବେ। 'ମୋ ବିକାଶ ଶକ୍ତି' ମାଧ୍ୟମରେ ଶିଶୁର ବିକାଶ ମାତାପିତାଙ୍କୁ ଜଣାଇବା ।
- ଏହି ଦିବସରେ ମାତାପିତା, ଅଭିଭାବକ, ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର ଶିଶୁମାନଙ୍କ ପାଇଁ ଆଦ୍ୟଶୈଶବର ବିକାଶ ନିମନ୍ତେ ଶିକ୍ଷଣ ସାମଗ୍ରୀ ଓ ଶିଶୁପ୍ରିୟ ଖେଳନା ତିଆରି କରିବେ।
- ନୂଆ ଅରୁଣିମାର ବିଭିନ୍ନ ବିଷୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା ସହିତ ଡି.ଭି.ଡି. (DVD) ପ୍ରଦର୍ଶିତ କରିବେ।
- ଅଣଆନୁଷ୍ଠାନିକ ଶିକ୍ଷା ପଦ୍ଧତି ଏବଂ ଖେଳକୁଦ ମାଧ୍ୟମରେ ଶିକ୍ଷାର ପ୍ରାଧାନ୍ୟକୁ ମାତାପିତା, ଅଭିଭାବକ ଓ ଗୋଷ୍ଠୀକୁ ଜଣାଇବେ।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରାଇବେ।
- ନୂଆ ଅରୁଣିମାର ସେହି ମାସର ବିଷୟରେ ଆଲୋଚନା କରିବେ ।

## ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ କେଉଁମାନେ ସଂପୃକ୍ତି ହେବେ



୧. ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକା
୨. ସୁପରଭାଇଜର ଓ ଶିଶୁ ବିକାଶ ମଣ୍ଡଳ ଅଧିକାରୀ
୩. ୦-୬ ବର୍ଷ ମଧ୍ୟରେ ସମସ୍ତ ଶିଶୁଙ୍କ ମାତାପିତା ଓ ଅଭିଭାବକ
୪. ଗୋଷ୍ଠୀଭିତ୍ତିକ ଅନୁଷ୍ଠାନର ସଦସ୍ୟ (ଗ୍ରାମ ଶିକ୍ଷା କମିଟି, ମାତୃକମିଟି, ଯାଞ୍ଚ କମିଟି, ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତା)
୫. ଆଞ୍ଚଳିକ ବେସରକାରୀ ସଂସ୍ଥାର ସଦସ୍ୟ (ଏନ୍.ଜି.ଓ.ର କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯେଉଁମାନେ ଇ.ସି.ସି.ଇ. ସମ୍ବନ୍ଧୀୟ କାମ କରୁଥିବେ)
୬. ନିର୍ବାଚିତ ଲୋକ ପ୍ରତିନିଧି (ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ର ସଭ୍ୟ/ସଭ୍ୟା)
୭. ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ / ନର୍ସରୀ ବିଦ୍ୟାଳୟ ଶିକ୍ଷକ /ଅଂଚଳରେ ଥିବା ଇ.ସି.ସି.ଇ. ତାଲିମପ୍ରାପ୍ତ ବ୍ୟକ୍ତି
୮. ଜେଜେ ବାପା, ଜେଜେ ମାଆ ଓ ଗାଁର ଅନ୍ୟ ବୟସ୍କ ବ୍ୟକ୍ତି
୯. ଆଞ୍ଚଳିକ ବା ଗାଁ ସ୍ତରୀୟ କଳାକାର (ଦାସକାଠିଆ, ପାଲା, ଲୋକନୃତ୍ୟ)
୧୦. ଗ୍ରାମ ବା ଗୋଷ୍ଠୀର ମୁଖିଆ ବ୍ୟକ୍ତି ବା ପାରମ୍ପରିକ ମୁଖିଆ
୧୧. ସୁପରଭାଇଜର/ପରିଦର୍ଶିକା ଓ ଶିଶୁ ବିକାଶ ମଣ୍ଡଳ ଅଧିକାରୀ (ତ୍ରୈୟବାର୍ଷିକ ଓ ଅର୍ଦ୍ଧବାର୍ଷିକ ଦିବସ)
୧୨. ଯୁବକ ସଂଘ / ନେହେରୁ ଯୁବ କେନ୍ଦ୍ରର ପ୍ରତିନିଧି
୧୩. ସ୍ୱାସ୍ଥ୍ୟ କର୍ମୀ (ଆଶା, ମହିଳା ସ୍ୱାସ୍ଥ୍ୟ କର୍ମୀ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା)- ଅର୍ଦ୍ଧବାର୍ଷିକ ଇ.ସି.ସି.ଇ. ଦିନ
୧୪. କିଶୋରୀ ବାଳିକା
୧୫. ଅନ୍ୟ ଯେକୌଣସି ବ୍ୟକ୍ତି

## ମାସିକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ମାତାପିତା, ଅଭିଭାବକ ଗୋଷ୍ଠୀ ସହିତ ହେବାକୁ ଥିବା ଆଲୋଚ୍ୟ ବିଷୟବସ୍ତୁ

**ନିମ୍ନଲିଖିତ ବିଷୟ ବସ୍ତୁଗୁଡିକ ପ୍ରତ୍ୟେକ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ସମୟାନୁକ୍ରମେ ଆଲୋଚନା କରାଯିବ:**

| | |
|---|---|
| ଜାନୁୟାରୀ | ଖେଳ ଦିବସ : ଶିଶୁର ଅଭିବୃଦ୍ଧିରେ ଖେଳର ଗୁରୁତ୍ୱ ଓ ବିଭିନ୍ନ ଖେଳରେ ଅଂଶଗ୍ରହଣ |
| ଫେବୃୟାରୀ | ଆଦ୍ୟ ଶୈଶବରେ ପ୍ରାକ୍-ଉଦ୍ଦୀପନାର ଭୂମିକା (୦ ରୁ ୩ ବର୍ଷ) ଓ (୩ ରୁ ୬ ବର୍ଷ) |
| ମାର୍ଚ୍ଚ | ବାତ୍ସଲ୍ୟମେଳା: ଶିଶୁର ମା', ବାପା, ଅଭିଭାବକମାନଙ୍କ ଉପସ୍ଥିତିରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗୀତ, ନାଚ, ଗଳ୍ପ, ରଙ୍ଗ କରିବା, ଖେଳ ଓ ଅନ୍ୟାନ୍ୟ ଶିଶୁ ପ୍ରିୟ କାର୍ଯ୍ୟର ଅଭ୍ୟାସ |
| ଏପ୍ରିଲ | ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମରେ ସହଯୋଗ କରିବା, ଖାଦ୍ୟ ପ୍ରସ୍ତୁତି କରିବା ଏବଂ ବାଢିବାରେ ସାହାଯ୍ୟ କରିବା। ଆବଶ୍ୟକ ସ୍ଥଳେ ଶିଶୁମାନଙ୍କ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ କରିବାରେ ସହଯୋଗ କରିବା |
| ମଇ | ପ୍ରାକ୍ ଶୈଶବରେ ଶିଶୁର ଅଭିବୃଦ୍ଧି ବିକାଶର ମାଇଲଖୁଣ୍ଟ (ଦିବ୍ୟାଙ୍ଗ/ଭିନ୍ନକ୍ଷମ ଶିଶୁ ଚିହ୍ନଟୀକରଣ) MCPC ର ଆଲୋଚନା |
| ଜୁନ୍ | ଶିଶୁ ଖେଳନା ବ୍ୟାଙ୍କ ପ୍ରସ୍ତୁତି - ଘରେ ଥିବା ଅନାବଶ୍ୟକ ଖେଳନା (ଶିଶୁ ଖେଳିବା ଉପଯୋଗୀ) ଉପକରଣ କେନ୍ଦ୍ରକୁ ଶିଶୁ ଖେଳିବା ନିମନ୍ତେ ଦେବ। ଶିଶୁ ପାଣ୍ଠି କରିବା, ନିଜ ଅଞ୍ଚଳରେ ମିଳୁଥିବା ଜିନିଷଗୁଡିକ କେନ୍ଦ୍ରର ଶିଶୁ ଖେଳନା ପାଇଁ ଉତ୍ସର୍ଗୀକୃତ କରିବା। ନୂଆ ଅରୁଣିମାର ସିଡ଼ି ପ୍ରଦର୍ଶନ |
| ଜୁଲାଇ | ଆଦ୍ୟ ଶୈଶବ ଯତ୍ନର ଗୁରୁତ୍ୱ ଓ ମସ୍ତିଷ୍କ ବିକାଶ |
| ଅଗଷ୍ଟ | ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟର ଗୁରୁତ୍ୱ (ମାତାପିତା, ଅଭିଭାବକ ଓ ଗୋଷ୍ଠୀର ସହଯୋଗରେ ଶିଶୁପ୍ରିୟ ଖେଳନା/କଣ୍ଢେଇ ପ୍ରସ୍ତୁତ କରିବା) |
| ସେପ୍ଟେମ୍ବର | ତ୍ରୟମାସିକ ଶିଶୁ ବିକାଶ ମୂଲ୍ୟାୟନ – ମୋ ବିକାଶପତ୍ର ଆଲୋଚନା |
| ଅକ୍ଟୋବର | ଜେଜେ ମା' ଓ ଜେଜେ ବାପା ଦିବସ (ବାର୍ଷିକ ଉତ୍ସବ) |
| ନଭେମ୍ବର | ଶିଶୁ ଦିବସ ପାଳନ |
| ଡ଼ିସେମ୍ବର | ପରିଷ୍କାର ଓ ପରିଚ୍ଛନ୍ନତା ଦିବସ (ସ୍ୱଚ୍ଛ ଅଙ୍ଗନୱାଡ଼ି କେନ୍ଦ୍ର) |

* ପ୍ରତି ମାସରେ ପିଲାମାନେ ଅଭ୍ୟାସ କରୁଥିବା 'ସୁ-ଅଭ୍ୟାସ' (ନିଜେ ସାବୁନରେ ହାତ ଧୋଇ ଖାଇବା, ଶିଶୁକୁ ସ୍ୱତନ୍ତ୍ର ଗିନାରେ ଖୁଆଇବା, ଶିଶୁକୁ ଉଷୁମ ଖାଦ୍ୟ ଦେବା, ଶିଶୁ ପ୍ରତ୍ୟେକ ଦିନ ସଫାସୁତରା ପ୍ରତି ଧ୍ୟାନ ଦେବା ଇତ୍ୟାଦି) ଆଲୋଚନା ହେବ।

* ପ୍ରତି ମାସରେ ପିଲାମାନେ କରିଥିବା ପୂର୍ବ ମାସର ଅଭ୍ୟାସ ପୁସ୍ତିକା, ପୂର୍ବ ମାସରେ ବ୍ୟବହାର କରାଯାଇଥିବା ଖେଳ ଉପକରଣ/କଣ୍ଢେଇ, ଅଭ୍ୟାସ ହୋଇଥିବା ବିଭିନ୍ନ ଖେଳ, ଗୀତ ଓ ନାଚର ପ୍ରଦର୍ଶନ।

## ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଭୂମିକା

| ବିଷୟ /କାର୍ଯ୍ୟ | ଭୂମିକା |
|---|---|
| ଇ.ସି.ସି.ଇ. ଦିବସର ସ୍ଥାନକୁ ପ୍ରସ୍ତୁତ ରଖିବା ଏବଂ ଯଦି ଅଙ୍ଗନୱାଡି କେନ୍ଦ୍ରରେ ପର୍ଯ୍ୟାପ୍ତ ସ୍ଥାନ ନଥାଏ, ତାହାହେଲେ ନିକଟସ୍ଥ ପଞ୍ଚାୟତ ଗୃହ, ଗାଁ କୋଠଘର, ଏସ୍.ଏଚ୍.ଜି. ଘର ବା ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରିବେ। | ଅଙ୍ଗନୱାଡି କର୍ମୀ |
| ଗୃହର ଭିତର ଓ ବାହାର ପରିଷ୍କାର ରଖିବା ସହିତ ପାଇଖାନା ସଫା ରଖିବା, ପିଇବା ପାଣିର ବ୍ୟବସ୍ଥା କରିବା, ପିଲାମାନଙ୍କ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା। | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଗାଁ ଲୋକମାନଙ୍କୁ ଇ.ସି.ସି.ଇ. ଦିବସର ସ୍ଥାନ ଏବଂ ସମୟ ବିଷୟରେ ପୂର୍ବ ଦିନରୁ ଜଣାଇବା ସହିତ ଯୋଗଦେବା ପାଇଁ ପ୍ରବର୍ତ୍ତାଇବା। | ଅଙ୍ଗନୱାଡି କର୍ମୀ |
| ଗାଁରେ ଥିବା ସମସ୍ତ ୦ ରୁ ୬ ବର୍ଷ ବୟସର ପିଲାଙ୍କ ତାଲିକା ପ୍ରସ୍ତୁତ କରିବା। | ଅଙ୍ଗନୱାଡି କର୍ମୀ |
| ଇ.ସି.ସି.ଇ. ଦିବସ ପାଳନର କାର୍ଯ୍ୟସାରଣୀ ଅନୁଯାୟୀ କେଉଁ କାର୍ଯ୍ୟକ୍ରମକୁ କାହା ପରେ କରିବ ତାହା ନିର୍ଦ୍ଧାରଣ କରିବା। | ଅଙ୍ଗନୱାଡି କର୍ମୀ |
| ଆଦ୍ୟ ଶୈଶବ ଯତ୍ନ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ବ୍ୟବହାର ହେଉଥିବା ଶିଶୁ ପ୍ରିୟ ସାମଗ୍ରୀ ଯୋଗାଡ କରିବା ଓ ପ୍ରଦର୍ଶନ କରିବା। | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଜେଜେବାପା, ଜେଜେମାଆ, ମୁଖ୍ୟତଃ ଜେଜେ ମାଆମାନଙ୍କୁ ଇ.ସି.ସି.ଇ. ଦିବସରେ ଯୋଗ ଦେବା ପାଇଁ ଉତ୍ସାହିତ କରିବା। | ଅଙ୍ଗନୱାଡି କର୍ମୀ |
| ଅନ୍ୟ ଅଙ୍ଗନୱାଡି କେନ୍ଦ୍ର ବା ପ୍ରକଳ୍ପରେ ଥିବା ସୁ-ଅଭ୍ୟାସଗୁଡିକୁ ଆଲୋଚନା କରିବା। | ଅଙ୍ଗନୱାଡି କର୍ମୀ/ ସହାୟିକା |
| ସମସ୍ତ ଶିଶୁ ଓ ଜନ୍ମରୁ ୩ ବର୍ଷ ବୟସର ଶିଶୁଙ୍କର ପିତା, ମାତା ଓ ଅଭିଭାବକ ଏବଂ ଗୋଷ୍ଠୀର ଅନ୍ୟମାନଙ୍କୁ ଯୋଗଦେବା ପାଇଁ ଆମନ୍ତ୍ରଣ କରିବେ। | ଅଙ୍ଗନୱାଡି କର୍ମୀ/ ସହାୟିକା |
| ଏହି ଦିବସର ବିବରଣୀ ଓ ତିଆରି ହୋଇଥିବା କଣ୍ଢେଇର ତାଲିକା ପ୍ରସ୍ତୁତ କରାଯିବ। | ଅଙ୍ଗନୱାଡି କର୍ମୀ |
| ଅଙ୍ଗନୱାଡ଼ିରେ ଶିଶୁମାନେ କରିଥିବା କାର୍ଯ୍ୟକୁ ପ୍ରଦର୍ଶନ କରିବା (ଯଥା - ଅଭ୍ୟାସ ପୁସ୍ତିକା, ଖେଳ ସାମଗ୍ରୀ ଇତ୍ୟାଦି) | ଅଙ୍ଗନୱାଡି କର୍ମୀ |

## ଶିଶୁ ବିକାଶ ଯୋଜନା ଅଧିକାରୀ (ସି.ଡି.ପି.ଓ.) ଏବଂ ସୁପରଭାଇଜର/ ପରିଦର୍ଶିକାଙ୍କ ନିର୍ଦ୍ଧାରିତ ଇ.ସି.ସି.ଇ. ଦିନରେ ଭୂମିକା

- ସମସ୍ତ କେନ୍ଦ୍ରରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳନ ସୁନିଶ୍ଚିତ କରିବା।
- ଯଦି କୌଣସି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଛୁଟିରେ ଥିବେ, ତାହେଲେ ସେହି ଜାଗାରେ ଅଧିବେଶନକୁ ସହାୟିକା ପରିଚାଳନା କରିବା ପାଇଁ ଯୋଜନା କରିବା।
- ଠିକ୍ ସମୟରେ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପ୍ରାକ୍-ବିଦ୍ୟାଳୟ ଉପକରଣ, କାର୍ଯ୍ୟକ୍ରମ ସମ୍ବନ୍ଧିୟ ପୁସ୍ତିକାବଳୀ, ଦକ୍ଷତା ମୂଲ୍ୟାଙ୍କନ କାର୍ଡ ଇତ୍ୟାଦି ବାବଦକୁ ଯୋଗାଉଥିବା ଅର୍ଥ ପ୍ରଦାନ ଓ ଏହାର ବିନିଯୋଗ ସୁନିଶ୍ଚିତ କରିବା।
- ଆବଶ୍ୟକ ସ୍ଥଳରେ ଲୋକ ନୃତ୍ୟ କିମ୍ବା ଦୃଶ୍ୟ, ଶ୍ରବ୍ୟ ଯନ୍ତ୍ରର ଯୋଗାଣ ସମ୍ବନ୍ଧରେ ସୁନିଶ୍ଚିତ କରିବା।
- ଏତଦ୍‌ବ୍ୟତୀତ ପ୍ରତ୍ୟେକ ମାସରେ ଇ.ସି.ସି.ଇ. ଅଧିବେଶନକୁ ଯାହା ଆଲୋଚନା ହେଉଛି ଏବଂ ପ୍ରଦର୍ଶିତ ହେଉଛି ସେହି ସବୁ ବିଷୟରେ ସବିଶେଷ ଆଲୋଚନା କରିବା। ବୈଠକରେ ଅଙ୍ଗନୱାଡି କେନ୍ଦ୍ରସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଆଲୋଚନା କରାଯିବ।

## ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କର ଭୂମିକା

ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଗୋଟିଏ ଗୋଷ୍ଠୀ ସହଯୋଗୀ ଭିତ୍ତିକ କାର୍ଯ୍ୟକ୍ରମ ହୋଇ ଥିବାରୁ ପ୍ରତ୍ୟେକ ଅଧିବେଶନକୁ (ପ୍ରତି ମାସରେ) ସରପଞ୍ଚ ଓ ପଞ୍ଚାୟତ ସଭ୍ୟ/ସଭ୍ୟାଙ୍କ ଉପସ୍ଥିତି ଓ ସହଯୋଗ ନିହାତି ଆବଶ୍ୟକ।

- ଅଧିବେଶନଟି କେଉଁ ସ୍ଥାନରେ କରାଯିବ ତାହା ସୁନିଶ୍ଚିତ କରାଇବା ଏବଂ ତତ୍‌ସହିତ ପାନୀୟ ଜଳ, ବସିବା ସ୍ଥାନ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅଙ୍ଗନୱାଡି କର୍ମୀ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସହିତ ଆଲୋଚନା କରିବେ।
- ଗ୍ରାମରେ ଶିଶୁମାନଙ୍କର ସଠିକ୍ ବୃଦ୍ଧି ଓ ବିକାଶ ବିଷୟରେ ଆଲୋଚନା କରିବା ସହିତ ଆବଶ୍ୟକ ସହାୟତା ପ୍ରଦାନ କରିବେ।

## ସ୍ଥିରୀକୃତ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ପ୍ରତ୍ୟାଶିତ ଫଳାଫଳ

ସ୍ଥିରୀକୃତ ମାସିକ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ନିୟମିତ ଭାବେ ନିୟମାବଳୀ ଅନୁସାରେ ପାଳନ କରାଗଲେ ନିମ୍ନୋକ୍ତ ଫଳାଫଳ ହାସଲ କରାଯାଇ ପାରିବ।

- ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁମାନଙ୍କର ପଞ୍ଜିକରଣ।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସର ଗୁରୁତ୍ୱ ବାବଦରେ ଗୋଷ୍ଠୀକୁ ଜଣାଇବା ଓ ସେମାନଙ୍କର ସହଯୋଗ ସୁନିଶ୍ଚିତ କରିବା।
- ସ୍ଥାନୀୟ ବା ସେହି ଅଞ୍ଚଳରେ ମିଳୁଥିବା ଶିଶୁ ପ୍ରିୟ ଖେଳନା, ଗୀତ, ଗପ ଇତ୍ୟାଦିର ବ୍ୟବହାର ବିଷୟରେ ସଚେତନ କରାଇବା।
- ଶିଶୁମାନଙ୍କର ଦକ୍ଷତା ବୃଦ୍ଧି ବିଷୟରେ ସୂଚନା ଦେବା ନିମନ୍ତେ ଶିଶୁ ବିକାଶ ମୂଲ୍ୟାଙ୍କନ କାର୍ଡ ଏବଂ ଅଭ୍ୟାସ ପୁସ୍ତିକାକୁ ଅଭିଭାବକମାନଙ୍କ ପାଖରେ ପ୍ରଦର୍ଶିତ କରିବା।
- ନିଜ ଅଞ୍ଚଳର ଶିଳ୍ପୀମାନଙ୍କୁ ଡାକି ତାଙ୍କ ଦ୍ୱାରା ବିନା ମୂଲ୍ୟରେ ଏବଂ କମ୍ ମୂଲ୍ୟରେ ମିଳୁଥିବା ବିଭିନ୍ନ ସାମଗ୍ରୀରେ ଶିକ୍ଷଣ ସାମଗ୍ରୀ ଏବଂ ଶିଶୁ ପ୍ରିୟ ଖେଳନା ପ୍ରସ୍ତୁତ କରାଇବା।
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଦିବସରେ ମାତାପିତା, ଅଭିଭାବକ, ଗୋଷ୍ଠୀ, ଯାଞ୍ଚ କମିଟି, ମାତୃ କମିଟିର ଅଂଶଗ୍ରହଣକୁ ବୃଦ୍ଧି ନିମନ୍ତେ ଉତ୍ସାହିତ କରିବା।
- ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କର ଉପସ୍ଥିତି ବଢାଇବା।
- ଦିବ୍ୟାଙ୍ଗ ଶିଶୁଙ୍କୁ ଏହି ଦିବସରେ ସାମିଲ କରିବା।
- ପିଲାମାନଙ୍କ ପାଇଁ ସୁସ୍ଥ ବା ଭଲ ଅଭ୍ୟାସ ଆପଣେଇବାର ଆବଶ୍ୟକତାକୁ ବୁଝିବା।
- ବିଭିନ୍ନ ସ୍ଥିରୀକୃତ ଦିବସ ପାଳନ କରିବା।
- ଗୋଷ୍ଠୀ ସହଯୋଗରେ ବିଭିନ୍ନ ଶିଶୁ ପ୍ରଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ସହ ଅଙ୍ଗନୱାଡି କେନ୍ଦ୍ରରେ 'ଖେଳନା ବ୍ୟାଙ୍କ' ତିଆରି ନିଶ୍ଚିତ କରିବା।
- ନୂଆ ଅରୁଣିମାର ସମସ୍ତ କାର୍ଯ୍ୟକ୍ରମଗୁଡିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କ ସହଯୋଗ ନେବା।
- ମାତାପିତା, ଅଭିଭାବକ ଓ ଗୋଷ୍ଠୀ ଶିଶୁଙ୍କର ବୃଦ୍ଧି ଓ ବିକାଶର ଗୁରୁତ୍ୱ ବୁଝିବା।

## ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର ପରିଦର୍ଶନ ଏବଂ ତଦାରଖ କରିବା ନିମନ୍ତେ ବ୍ୟବସ୍ଥା

ଆଦ୍ୟ ଶୈଶବ ଯତ୍ନ ଶିକ୍ଷା ଦିବସର ଗୁରୁତ୍ୱକୁ ଆଖିରେ ରଖି ସମନ୍ୱିତ ଶିଶୁ ବିକାଶ ବିଭାଗର ରାଜ୍ୟ, ଜିଲ୍ଲା, ପ୍ରକଳ୍ପ ଓ ଅଙ୍ଗନୱାଡି ସେକ୍ଟର ସ୍ତରୀୟ ବୈଠକରେ କାର୍ଯ୍ୟକ୍ରମ ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ସମୀକ୍ଷା ଓ ତଦାରଖ ବିଷୟରେ ଅନୁଧ୍ୟାନ କରାଯିବ। ଅଙ୍ଗନୱାଡି କେନ୍ଦ୍ର ସ୍ତରୀୟ ତଦାରଖ ଏବଂ ସହଯୋଗ କମିଟି ବୈଠକ ସ୍ତରରେ ମଧ୍ୟ ସମୀକ୍ଷା କରାଯିବ।





ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ
ଓଡ଼ିଶା ସରକାର